# Akashvani, Sambalpur

## SAMBALPURI NEWS EVENING BULLETIN

**1 February 2026 - 7.02 pm- 7.12 pm.**

*********************************************

୧- ଗରିବ୍ ଆଉ ବଂଚିତ୍ ମାନ୍‌କୁ କେନ୍ଦ୍ର କରିକରି ଯୁବଶକ୍ତିଚାଲିତ୍ ବଜେଟ୍ ଉପସ୍ଥାପନ୍ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।

- ଓଡ଼ିଶା ସହେତେ ୪ ଟା ରାଜ୍ୟ ନ ଥାପ୍‌ନା ହେବା ବିରଳ ମୃତିକା ଖଣିଜ କରିଡ଼ର୍ ।

- ଇ ବଜେଟ୍ ଶହେ ୪୦ କୋଟି ଭାରତୀୟଙ୍କର୍ ଆକାଂକ୍ଷାର୍ ପ୍ରତିଫଳନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ବଜେଟ୍‌କେ ଅଭିବୃଦ୍ଧିମୂଳକ୍ କହେଲେ ମୁଖ୍ୟମନ୍ତ୍ରୀ ।

୨- ସୁବର୍ଣ୍ଣପୁର୍ ଜିଲ୍ଲା ନ ୨ ଶହ ଛୟସ୍ତର୍ କୋଟି ଟଙ୍କାର୍ ୫୮ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ଶ୍ରୀକ୍ଷେତ୍ର ପୁରୀ ନ ଗଜଉଦ୍ଧାରଣ ବେଶଥି ଦର୍ଶନ୍ ଦଉଛନ୍ ଚତୁର୍ଦ୍ଧାମୂର୍ତି ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ସଂସଦ୍ ନ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ୍ କରିଛନ୍ । ଶ୍ରୀମତୀ ସୀତାରମଣ୍ ଲଗାତାର୍ ୯ ନମ୍ବର୍ ଥର୍ ବଜେଟ୍ ଉପସ୍ଥାପନ୍ କରିକରି ଇ ବଜେଟ୍‌କେ ଯୁବଶକ୍ତି ଚାଲିତ୍ ବଜେଟ୍ ବଲି ବର୍ଣ୍ଣନା କରିଛନ୍ । ଅର୍ଥମନ୍ତ୍ରୀ କହିଛନ୍, ଗରିବ୍, ଅବହେଳିତ୍ ଆଉ ବଂଚିତ ମାନ୍‌କୁ କେନ୍ଦ୍ର କରିକରି ଇ ବଜେଟ୍ ତିଆର୍ କରାଯାଇଛେ । ଚଲିତ୍ ବଜେଟ୍ ୩ ଟା କର୍ତବ୍ୟ ଜରିଏ ଅନୁପ୍ରାଣିତ୍ ହେଇଛେ । ଆର୍ଥିକ ଅଭିବୃଦ୍ଧି, ଦକ୍ଷତା ବିକାଶ୍, ଲୁକ୍‌କର୍ ଆକାଂକ୍ଷା ପୂରଣ୍ କରିକରି କ୍ଷମତା ନିର୍ମାଣ୍ ଆଉ ସବ୍‌କା ସାଥ୍ ସବ୍‌କା ବିକାଶ୍‌କେ ବଜେଟ୍‌ଥି ଜୋର୍ ଦିଆଯାଇଛେ ।

(ଭଏସ୍ ଓଭର୍- ନିର୍ମଳା ସୀତାରମଣ୍)

୨୦୨୭ ଆର୍ଥିକ୍ ବଛର୍ ଲାଗି ରାଜ୍ୟମାନ୍‌କୁ ଅର୍ଥ କମିଶନ୍ ଅନୁଦାନ୍ ଭାବେ ୧ ଲାଖ୍ ୪୦ ହଜାର୍ କୋଟି ଟଙ୍କା ଦିଆଯାଇଛେ । ୨୦୨୬-୨୭ ଆକଲନ୍‌ଥି ଋଣନୁ ଜିଡ଼ିପି ଅନୁପାତ୍ ଜିଡ଼ିପିର୍ ୫୫ ଦଶ୍‌ମିକ୍ ୭ ପ୍ରତିଶତ୍ ଆକଲନ୍ କରାଯାଇଛେ, ଯେନ୍‌ଟାକି ୨୦୨୫-୨୬ ସଂଶୋଧିତ୍ ଆକଲନ୍‌ଥି ୫୬ ଦଶ୍‌ମିକ୍ ୧ ପ୍ରତିଶତ୍ ଥିଲା । ଇ ଆର୍ଥିକ୍ ବଛ୍‌ରେ ଖର୍ଚ୍ଚା ୫୩ ଲାଖ୍ ୫୦ କୋଟି ଟଙ୍କା ଆକଲନ୍ କରାଯାଇଛେ ।

ଚଳିତ୍ ବଜେଟ୍‌ଥି ଅର୍ଥମନ୍ତ୍ରୀ ୬ ଟା କ୍ଷେତ୍ରର୍ ବିକାଶ୍ ଲାଗି ପ୍ରସ୍ତାବ୍ ଦେଇଛନ୍ । ସେଥିର୍‌ଭିତ୍‌ରେ ୬ ଟା ରଣନୈତିକ୍ ଆଉ ସୀମାନ୍ତ କ୍ଷେତ୍ର ମାନ୍‌କେ ଉତ୍ପାଦନ୍ ବଢ଼ାବାର୍, ପୁର୍‌ନା ଶିଳ୍ପକ୍ଷେତ୍ରକେ ପୁନରୁଦ୍ଧାର୍ କର୍‌ବାର୍, ଏମ୍‌ଏସ୍‌ଏମଇ କ୍ଷେତ୍ରକେ ବର୍‌କସ୍ କର୍‌ବାର୍, ଭିତିଭୂମି ବିକାଶ୍‌କେ ପ୍ରୋତ୍ସାହନ୍, ଦୀର୍ଘକାଲୀନ୍ ସୁରକ୍ଷା ଆଉ ସ୍ଥିରତା ସୁନିର୍ଶ୍ଚିତ୍ କର୍‌ବାର୍ ଆଉ ସହରାଂଚଲ୍ ଅର୍ଥନୈତିକ୍ କ୍ଷେତ୍ରର୍ ବିକାଶ୍ ସାମିଲ୍ ଅଛେ ।

ଭାରତ୍‌କେ ବିଶ୍ୱ ବାୟୋଫାର୍ମା ହବ୍ ଭାବେ ବିକଶିତ୍ କର୍‌ବାର୍ ଲାଗି ଅର୍ଥମନ୍ତ୍ରୀ ଆଏବା ୫ ବଛର୍ ଭିତ୍‌ରେ ୧୦ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ବାୟୋ ଫାର୍ମା ଶକ୍ତି ପ୍ରସ୍ତାବ୍ ଦେଇଛନ୍ । ଇତାର୍‌ସହେତେ କର୍କଟ ରୋଗ୍‌ର ୧୭ ଟା ଜରୁରୀ ଉଷୋ ଆଉ ୭ ଟା ଅଲ୍‌ଗା ଦୂରାରୋଗ୍ୟ ରୋଗର୍ ଉଷୋକଷା ଉପ୍‌ରୁ ସୀମା ଶୁଳ୍କକେ ସର୍‌କାର୍ ରିହାତି କରିଛନ୍ । ସେବାକ୍ଷେତ୍ର ନ ଦେଢ଼୍‌ଲାଖ୍ ସେବା ପ୍ରଦାନ୍‌କାରୀମାନ୍‌କୁ ଖୋବ୍ ଜଲ୍‌ଦି ତାଲିମ୍ ଦିଆଯିବା ।

ଇଣ୍ଡିଆ ସେମିକଣ୍ଡକ୍ଟର୍ ମିଶନ୍ ୨ ନମ୍ବର୍ ଖେପ୍‌କେ ଗତି ଦେବାର୍ ଲାଗି ଇଲେକ୍ଟ୍ରୋନିକ୍ସ ଉତ୍ପାଦନ୍ ଯୋଜ୍‌ନା ପୁଞ୍ଜି ବ୍ୟୟ ୪୦ ହଜାର୍ କୋଟି ଟଙ୍କାନୁ ବଢ଼ାବାର୍‌କେ ପ୍ରସ୍ତାବ୍ ଦେଇଛନ୍ ।

୧୦ ହଜାର୍ କୋଟି ଟଙ୍କାର୍ ଏସ୍.ଏମ୍.ଇ. ପାଣ୍ଠି ବୃଦ୍ଧି ପ୍ରଚଲନ୍ କର୍‌ବାର୍‌କେ ଅର୍ଥମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ । ଆତ୍ମନିର୍ଭର୍

ଭାରତ୍ ପାଣ୍ଟିକେ ଅଣୁ ଉଦ୍ୟୋଗ୍ମାନ୍କୁ ସମର୍ଥନ୍ କର୍ବାର୍ ଲାଗି ୨ ହଜାର୍ କୋଟି ଟଙ୍କା ଘୋଷ୍ନା କରିଛନ୍ ।

ମହିଲା ଉଦ୍ୟୋଗୀଙ୍କୁ ସମର୍ଥନ୍ କର୍ବାର୍ ଲାଗି ସ୍ୱୟଂ ସହାୟକ ଉଦ୍ୟୋଗୀ ସି-ମାର୍ଟ ବ୍ୟବସ୍ଥା କରାଯିବା । ୫ ଟା ବିଶ୍ୱବିଦ୍ୟାଲୟ ଟାଉନ୍ସିପ୍ ବନାବାର୍ ଲାଗି ସର୍କାର୍ ଚ୍ୟାଲେଞ୍ଜ୍ ରୁଟ୍ ଜରିଏ ରାଜ୍ୟମାନ୍କୁ ସମର୍ଥନ୍ କର୍ବେ । ୩ ଟା ନୂଆଁ ଅଖିଳ ଭାରତୀୟ ଆୟୁର୍ବେଦ୍ ପ୍ରତିଷ୍ଠାନ୍ ଥାପ୍ନା ଆଉ ଆୟୁସ୍ ଫାର୍ମାସୀକେ ଆହୁରି ଉନ୍ନତ୍ କରାଯିବା । ଗୁଜୁରାତ୍ର ଜାମ୍ନଗର୍ ନ ବିଶ୍ୱ ସ୍ୱାସ୍ଥ୍ୟସଂଗଠନ୍ ପାରମ୍ପରିକ୍ ଚିକିତ୍ସା କେନ୍ଦ୍ରକେ ଆହୁରି ଉନ୍ନତ୍ କରାଯିବା । ଭାରତ୍ର ଆନିମେସନ୍, ଦୃଶ୍ୟପ୍ରଭାବ ଆଉ ଗେମିଂ କ୍ଷେତ୍ରର୍ ବିକାଶ୍ ଲାଗି ସାରାଦେଶେ ଲେବ୍ ଥାପ୍ନା କରାଯିବାର୍ ସହେତେ ମୁମ୍ବାଇ ନ ଗୁଟେ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ଥାପ୍ନା ଲାଗି ଅର୍ଥମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ । ସେନ୍ତା ବେଙ୍କିଙ୍ଗ୍ କ୍ଷେତ୍ରର୍ ବିକାଶ୍ ଲାଗି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କର୍ବାର୍କେ ଭିଲ୍ ଅର୍ଥମନ୍ତ୍ରୀ ପ୍ରସ୍ତାବ୍ ରଖିଛନ୍ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପୂର୍ବୋଦୟ ଅଭିଯାନ୍ ଆଧାର୍ଥି ଇ ବଛର୍ ବଜେଟ୍ଥି ଓଡ଼ିଶାର୍ ଲାଗି ବହୁତ୍ଟେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ । ଓଡ଼ିଶା ସହେତେ କେରଲ୍, ଆନ୍ଧ୍ରପ୍ରଦେଶ୍ ଆଉ ତାମିଲ୍ନାଡୁ ନ ବିରଳ ମୃତିକା ଖଣିଜ

କରିଡର୍ ଥାପ୍‌ନା ଲାଗି ଅର୍ଥମନ୍ତ୍ରୀ ଘୋଷ୍‌ନା କରିଛନ୍ । ଖଣି ପ୍ରକ୍ରିୟାକରଣ୍, ଗବେଷଣା ଆଉ ଉତ୍ପାଦନ୍‌କେ ତହଁକାବାର୍ ଲାଗି ୩ ଟା ରାସାୟନିକ୍ ପାର୍କ ଥାପ୍‌ନା କରାଯିବା । ଜଲ୍‌ପଥ୍ ନ ଖଣିଜ ପରିବହନ ବଢ଼ାବାର୍ ଲକ୍ଷ୍ୟଥି ୨୦ ଟା ନୂଆଁ ଜାତୀୟ ଜଲପଥ ବ୍ୟବସ୍ଥା କରାଯିବା ।

ଇଥି ଓଡ଼ିଶା ଲାଗି ୫ ଟା ଜାତୀୟ ଜଲପଥ ଘୋଷ୍‌ନା କରାଯାଇଛେ । ସେନ୍ତା ଓଡ଼ିଶା, କର୍ଣ୍ଣାଟକ୍ ଆଉ କେରଳ ନ କେଁଛୋ ମାନେ ଅଣ୍ଡା ଦଉଥିବା ଜାଗାମାନ୍‌କର୍ ସୁରକ୍ଷା ଆଉ ବିକାଶ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଅର୍ଥମନ୍ତ୍ରୀ ଘୋଷ୍‌ନା କରିଛନ୍ ।

(ଭଏସ୍ ଓଭର୍- ନିର୍ମଲା ସୀତାରମଣ୍- ଓଡ଼ିଶା)

ଚଲିତ୍ ବଜେଟ୍‌ଥି ଟିକସ୍ ସ୍ଲାବ୍‌ଥି କେନ୍‌ସି ପରିବର୍ତନ୍ ନାଇଁ କରାଯାଇ । ମାତରକ ଆୟକର ନିୟମ୍‌କେ ଅଏତ୍‌କା ସରଲ୍ ଆଉ ସହଜ୍ କରାଯାଇଛେ । ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ନୂଆଁ ଆୟକର ଆଇନ୍ ୨୦୨୫ କାର୍ଯ୍ୟକାରୀ କର୍‌ବାର୍‌କେ ଅର୍ଥମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇଥି ଛୋଟ୍ କର୍‌ଦାତାମାନେ ବହୁତ୍ ଲାଭ୍ ପାଇପାର୍‌ବେ ବଲି ଅର୍ଥମନ୍ତ୍ରୀ କହିଛନ୍ ।

ଦେଶେ ଶିଳ୍ପ ଭିତ୍‌ତିର୍ ଗବେଷଣା ଆଉ ତାଲିମ୍‌କେ ଜୋର୍ ଦିଆଯିବା । ୫ ଲାଖ୍‌ନୁ ଅଏତ୍‌କା ଜନସଂଖ୍ୟା ଥିବା ସହର୍‌ମାନ୍‌କେ ଭିତିଭୂମିର୍ ବିକାଶ୍ ଲାଗି ପୁଞ୍ଜିବ୍ୟୟ ୧୨ ଲାଖ୍

୨୦ ହଜାର୍ କୋଟି ଟଙ୍କାକେ ବଢ଼ାବାର୍ ଲାଗି ଅର୍ଥମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ । ନିର୍ମାଣ ଭିତିଭୂମି ଉପକରଣ୍ ତିଆର୍ ଲାଗି ଗୁଟେ ଯୋଜ୍ନା ତିଆର୍ କରାଯିବା । ୫ ବଛର୍ ଭିତ୍ରେ ୧୦ ହଜାର୍ କୋଟି ଟଙ୍କାର୍ ବଜେଟ୍ ଆବଂଟନ୍ ସହେତେ କଂଟେନର୍ ତିଆର୍ ଲାଗି ଯୋଜ୍ନା ରହିଛେ । ସେନ୍ତା ବୟନ କ୍ଲଷ୍ଟର୍ ମାନ୍କର୍ ଆଧୁନିକ୍କରଣ୍ କର୍ବାର୍ ଲାଗି ଅର୍ଥମନ୍ତ୍ରୀ ବୟନ ସମ୍ପ୍ରସାରଣ ଆଉ ନିଯୁକ୍ତି ଯୋଜ୍ନା କାର୍ଯ୍ୟକାରୀ କର୍ବାର୍କେ ଘୋଷ୍ନା କରିଛନ୍ ।

ଖଦୀ, ହସ୍ତତନ୍ତ, ହସ୍ତଶିଳ୍ପ କ୍ଷେତ୍ରକେ ବର୍କସ୍ କର୍ବାର୍ ଲାଗି ମହାତ୍ମାଗାନ୍ଧୀ ଗ୍ରାମ ସ୍ୱରାଜ୍ ପଦକ୍ଷେପ୍ ଘୋଷ୍ନା କରିଛନ୍ ।

କ୍ରୀଡ଼ାକ୍ଷେତ୍ରଥି ପରିବର୍ତନ୍ ଆନ୍ବାର୍ ଲାଗି ଆଏବା ୧୦ ବଛର୍ ଭିତ୍ରେ ଖେଲୋ ଇଣ୍ଡିଆ ମିଶନ୍ ମୁଲ୍ କରାଯିବା ବଲି ଅର୍ଥମନ୍ତ୍ରୀ ଘୋଷ୍ନା କରିଛନ୍ । ଇ ବଜେଟ୍ଥି ଚାଷୀମାନ୍କର୍ କମାନି ବଢ଼ାବାର୍ ଉପ୍ରେ ଖାସ୍ ଧ୍ୟାନ୍ ଦିଆଯାଇଛେ । ୫ ଶହ ଟା ଜଲ୍ଭଣ୍ଡାର୍ର ବିକାଶ୍ ଲାଗି ପଦକ୍ଷେପ୍ ନିଆଯିବା ବଲି କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷ୍ନା କରିଛନ୍ ।

ଲୋକ୍ସଭା ନ ବଜେଟ୍ ଉପସ୍ଥାପନ୍ ହେବାର୍ ଉତ୍ରୁ ରାଜ୍ୟସଭା ନ ଇତାର୍ ଗୁଟେ କପି ଉପସ୍ଥାପନ୍ କରାଯାଇଥିଲା ।

ତାର୍ ଉତ୍ରୁ ବଜେଟ୍ କପି ମୋବାଇଲ୍ ଆପ୍ ଆଉ ଓ୍ୱେବ୍ସାଇଟ୍ଥି ଛଡ଼ାଯାଇଥିଲା ।

ବଜେଟ୍ ଉପସ୍ଥାପନ୍ ହେଇସାର୍ବାର୍ ଉତ୍ରୁ ଆଏବା ସୋମ୍ବାର୍ ଦିନ୍ତକ୍ ଦୁହି ଗୃହ ମୁଲ୍ତବୀ ରହିଛେ ।

ଚଲିତ୍ ବଜେଟ୍କେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କର୍ବାର୍ ସହେତେ ଇଟା ଶହେ ୪୦ କୋଟି ଭାରତୀୟଙ୍କର୍ ଆକାଂକ୍ଷାର୍ ପ୍ରତିଫଳନ୍ ଆଏ ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ- ବଜେଟ୍ ପ୍ରତିକ୍ରିୟା / ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦ୍ରୀୟ ବଜେଟ -୨୦୨୬-୨୭ କେ ପ୍ରଶଂସା କରିକରି ଇଟା ଗୁଟେ ଅଭିବୃଦ୍ଧିମୂଳକ୍ ବଜେଟ୍ ଆଏ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଚଲିତ୍ ବଜେଟ୍ଥି ସବୁ ବର୍ଗର୍ ଲୁକ୍କର୍ ବିକାଶ୍ ଦିଗେ ଧ୍ୟାନ୍ ଦିଆଯାଇଛେ । ବଜେଟ୍ଥି ଓଡ଼ିଶାର୍ ଲାଗି ବହୁତ୍ଟେ ପଦକ୍ଷେପ୍ ଘୋଷ୍ନା କରାଯାଇଛେ । ଯେନ୍ଥିର୍ ଲାଗି ରାଜ୍ୟବାସୀ କୃତଜ୍ଞ ଆନ୍ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ- ସୁବର୍ଣ୍ଣପୁର୍       ସୁବର୍ଣ୍ଣପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିନ୍ ଭିନ୍ ଧାର୍ମିକ୍, ସାଂସ୍କୃତିକ୍ ଆଉ ସାମାଜିକ୍ ଉନ୍ନୟନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସନ୍ଥକବି ଭୀମଭୋଇଙ୍କର୍ ସମାଧୀ ପୀଠ ଖଲିଆପାଲି ନ ହଉଥିବା ମାଘ୍ମେଳା ଉତ୍ସବ୍ଥି ଯୋଗ୍ ଦେଇକରି ପୀଠର୍ ବିକାଶ୍ ଲାଗି ୩୫ କୋଟି ଟଙ୍କା ଘୋଷ୍ନା କରିଛନ୍ । ତାର୍ ଉତ୍ରୁ ରାମେଶ୍ୱର୍ ଷ୍ଟାଡ଼ିୟମ୍ ନ ହେଇଥିବା ସୁଭଦ୍ରା ଶକ୍ତିମେଳାଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ୨ ଶହ ୭୬ କୋଟି ଟଙ୍କାର୍ ଅଠାବନ୍ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କର୍ବାର୍ ସହେତେ ଶିଲାନ୍ୟାସ୍ କରିଛନ୍ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ୧ ହଜାର୍ ୮ ଶହ ୪୮ ଟା ସ୍ୱୟଂସହାୟକ ଗୋଷ୍ଠୀକେ ବିନା ସୁଧଥି ଶହେ ୨୬ କୋଟି ଟଙ୍କାର୍ ଋଣ ଯୁଗେଇ ଦେଇଛନ୍ ।

ଗଜଉଦ୍ଧାରଣ୍ ବେଶ       ପୁରୀ ସମ୍ବାଦଦାତା

ପବିତ୍ର ମାଘ୍ ପୁନି ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନେ ଗଜଉଦ୍ଧାରଣ୍ ବେଶଥି ଦର୍ଶନ୍ ଦଉଛନ୍ । ମଏଧାନ୍ ଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ମଇଲମ ଆଉ ସର୍ବାଙ୍ଗ ନୀତି କରାଯାଇକରି ତିନି ବାଡ଼ ନ ଇ ବେଶ

କରାଯାଇଛେ । ଗଜଉଦ୍ଧାରଣ ବେଶଥି ମାହାପୁରୁମାନେ ଚାରିଭୂଜା ହେଇକରି ଭିନ୍ ଭିନ୍ ଅଲଙ୍କାର୍‌ଥି ସୁସଜ୍ଜିତ ହେଇଛନ୍ ।

ପଣ୍ଡିତ ରଘୁନାଥ ମୁର୍ମୁ- ଶ୍ରାଦ୍ଧବାର୍ଷିକୀ I & P R

ସାନ୍ତାଳି ଭାଷା ଅଲ୍‌ଚିକି ଲିପିର୍ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧବାର୍ଷିକୀ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ନ ଥିବା ପଣ୍ଡିତ ମୁର୍ମୁଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪-୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।